# NATIONAL NEWS BULLETIN (ODIA)

## 29 April - 2026

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗ ବିଧାନସଭା ଲାଗି ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଶେଷ ।

– ଅପରାହ୍ଣ ୫ଟା ସୁଦ୍ଧା ୮୯ ଦଶମିକ୍ ୯/୯ ପ୍ରତିଶତ ମତଦାନ ।

- ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ରାଜିନାମା ଐତିହାସିକ ସୁଯୋଗ ସୃଷ୍ଟି କରିଛି କହିଲେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ।

- ଭାରତୀୟ କୂଟନୀତି ଜାତୀୟ ସ୍ୱାର୍ଥ ବଜାୟ ରଖିବା ଦିଗରେ ସର୍ବଦା ପ୍ରସ୍ତୁତ, ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ସୂଚନା ।

- ଭାରତ-ଇଟାଲୀ ମଧ୍ୟରେ ପ୍ରତିରକ୍ଷା ସହଯୋଗ ବିଷୟ ନେଇ ଆସନ୍ତାକାଲି ହେବ ଆଲୋଚନା ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଉ କିଛି ସମୟ ପରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ମଧ୍ୟରେ ଖେଳାଯିବ ମ୍ୟାଚ୍ ।

## ଡବ୍ଲୁବି ଇଲେକ୍ସନ

ପଶ୍ଚିମବଙ୍ଗରେ ଆଜି ୧୪୨ଟି ବିଧାନସଭା ଆସନରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଶେଷ ହୋଇଛି । ଅପରାହ୍ଣ ୫ଟା ସୁଦ୍ଧା ମିଳିଥିବା ଶେଷ ରିପୋର୍ଟ୍ ଅନୁଯାୟୀ ପଶ୍ଚିମବଙ୍ଗରେ ୮୯ ଦଶମିକ୍ ୯/୯ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି । ୩ କୋଟି ୨୨ ଲକ୍ଷରୁ ଅଧିକ ଭୋଟର ଏହି ପର୍ଯ୍ୟାୟରେ ୧ ହଜାର ୪୪୮ ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିଥିଲେ । ସେମାନଙ୍କ ମଧ୍ୟରେ ପ୍ରଥମଥର ଭୋଟ୍ ଦେଉଥିବା ୧୮ରୁ ୧୯ ବର୍ଷ ବୟସର ୪ ଲକ୍ଷ ୧୨ ହଜାରରୁ ଅଧିକ ମତଦାତା ରହିଥିବା ଜଣାପଡ଼ିଛି ।

ରାଜ୍ୟରେ କାଁଭାଁ ହିଂସାକାଣ୍ଡକୁ ବାଦ୍ ଦେଲେ ମତଦାନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିବା ଜଣାପଡ଼ିଛି । ମୁକ୍ତ, ଅବାଧ ଏବଂ ନିରପେକ୍ଷ ମତଦାନ ଲାଗି ପୋଲିସ୍ ପ୍ରଶାସନ ଏବଂ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା ।

## ନ୍ୟୁଜିଲାଣ୍ଡ-ପିଏମ୍-ଏଫ୍‌ଟିଏ

ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟୋଫର୍ ଲକ୍ସନ୍ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ଏଫ୍.ଟି.ଏ. ଏକ ଐତିହାସିକ ସୁଯୋଗ

ସୃଷ୍ଟି କରିଛି ଏବଂ ଭାରତୀୟ ବଜାରର କ୍ଷମତାକୁ ସୂଚିତ କରିଛି । ସାମାଜିକ ଗଣମାଧ୍ୟମରେ ଏକ ଭିଡ଼ିଓବାର୍ତ୍ତା ଦେଇ ଶ୍ରୀ ଲକ୍ସନ୍ ବିଶ୍ୱର ସବୁଠାରୁ ଅଧିକ ଜନଗହଳି ରାଷ୍ଟ୍ର ରୂପେ ଭାରତ ଉଦୀୟମାନ ହୋଇଥିବା କହିଥିବା ବେଳେ ଏହା ଉପଭୋକ୍ତା ଅର୍ଥନୀତିକୁ ଅଧିକ ବ୍ୟାପକ କରିଛି ବୋଲି ପ୍ରକାଶ କରିଛନ୍ତି ।

ଭାରତର ଜନସଂଖ୍ୟା ପ୍ରାୟ ୧୫୦ କୋଟି ହୋଇଥିବା ବେଳେ ଭାରତର ରୋଜଗାର ସ୍ତର ମଧ୍ୟ ବୃଦ୍ଧି ପାଇଛି । ଭାରତୀୟ ବଜାରରେ ମଧ୍ୟ ଉଚ୍ଚ ଗୁଣାତ୍ମକମାନର ସାମଗ୍ରୀ ବିକ୍ରି ପାଇବା ସହ ସେବା ସୁଯୋଗ ସୃଷ୍ଟି କରୁଛି । ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ହୋଇଥିବା ବୁଝାମଣା ଯୋଗୁଁ କର୍ମନିଯୁକ୍ତି ସୃଷ୍ଟି ହେବା ସହ ଲୋକମାନଙ୍କ ଦରମା ମଧ୍ୟ ବୃଦ୍ଧି ପାଇଛି । ନ୍ୟୁଜିଲାଣ୍ଡ ଲୋକମାନଙ୍କ ପାଇଁ ମଧ୍ୟ ଅଧିକ ସୁଯୋଗ ସୃଷ୍ଟି କରିଛି । ଏପ୍ରିଲ୍ ମାସ ୨୭ ତାରିଖରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ ହୋଇଥିଲା ।

## ଜୟଶଙ୍କର-ଡିପ୍ଲୋମାସ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଭାରତୀୟ କୂଟନୀତି’ ଜାତୀୟ ସ୍ୱାର୍ଥ ଏବଂ ଜାତୀୟ ଲକ୍ଷ୍ୟର ସୁରକ୍ଷା ବଜାୟ

ରଖିବା ଦିଗରେ ସର୍ବଦା ପ୍ରସ୍ତୁତ ରହିଛି । ନୂଆଦିଲ୍ଲୀ ଠାରେ ଭାରତର ହାଇକମିଶନର, ରାଷ୍ଟ୍ରଦୂତ ଏବଂ ବରିଷ୍ଠ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅଧିକାରୀମାନଙ୍କୁ ନେଇ ହୋଇଥିବା ଏକାଦଶ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଡକ୍ଟର ଜୟଶଙ୍କର ଏହା କହିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି, ଗତ ଦଶନ୍ଧିରେ ସମଗ୍ର ବିଶ୍ୱ ସହ ଭାରତର କୂଟନୈତିକ ସମ୍ପର୍କ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି ।

## ବୈଷ୍ଣବ-ବନ୍ଦେ ଭାରତ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତାକାଲି ଜାମ୍ମୁ ତାୱି ରେଳ ଷ୍ଟେସନ୍‌ର ସମ୍ପ୍ରସାରିତ ଶ୍ରୀନଗର-କାଟ୍ରା ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ସେବାର ଶୁଭାରମ୍ଭ କରିବେ । ଶ୍ରୀ ବୈଷ୍ଣବ ମଧ୍ୟ ଉଦମପୁର-ଶ୍ରୀନଗର-ବାରମୁଲ୍ଲା ରେଳଲିଙ୍କ୍ ଅନ୍‌ଜି ସେତୁ ଏବଂ ଚେନାବ୍ ସେତୁ କାର୍ଯ୍ୟର ତଦାରଖ କରିବେ । ଶ୍ରୀନଗରରୁ ଶ୍ରୀ ମାତା ବୈଷ୍ଣବ ଦେବୀ କାଟ୍ରା ପର୍ଯ୍ୟନ୍ତ ପୂର୍ବରୁ ଜାତାୟତ କରୁଥିବା ଟ୍ରେନ୍ ସମ୍ପ୍ରତି ଜାମ୍ମୁ ତାୱିକୁ ସଂଯୋଗ କରିବ । ଆସନ୍ତା ମାସରୁ ଜାମ୍ମୁ ତାୱି-ଶ୍ରୀନଗର ବନ୍ଦେ ଭାରତ ଏକ୍ସପ୍ରେସ୍ ନିୟମିତ ଯାତ୍ରା କରିବ ।

# ପିଏମ୍-ଆର୍ଟିକିଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ଦ୍ୱାରା ଲିଖିତ ଏକ ପ୍ରବନ୍ଧକୁ ସେୟାର୍ କରି କହିଛନ୍ତି, ଦେଶରେ ମହିଳା କର୍ମନିଯୁକ୍ତି ହାର ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ’ ୨୦୧୭ ମସିହାରେ ମହିଳା ନିଯୁକ୍ତିହାର ୨୨ ପ୍ରତିଶତ ଥିବା ବେଳେ ୨୦୨୫ ମସିହାରେ ଏହି ହାର ୩୯ ପ୍ରତିଶତ ବୃଦ୍ଧି ପାଇଥିବାର ପ୍ରଶଂସା କରିଛନ୍ତି ।

# ଇପିଏଫ୍ଓ-ଇ-ପ୍ରାପ୍ତି

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂସ୍ଥାନ ଇ.ପି.ଏଫ୍.ଓ.’ ପୁରୁଣା ଆକାଉଣ୍ଟର ଚିହ୍ନଟ, ଟ୍ରାକିଂ, ସାର୍ବଜନୀନ ଆକାଉଣ୍ଟ ନମ୍ବର ଲିଙ୍କିଙ୍ଗ୍ ୟୁ.ଏ.ଏନ୍. ଏବଂ ପୁରୁଣା ଇ.ପି.ଏଫ୍. ଆକାଉଣ୍ଟ ପୁନଃ କାର୍ଯ୍ୟକାରୀ କରିବା ନିମନ୍ତେ ଏକ ଡିଜିଟାଲ୍ ପ୍ଲାଟ୍‌ଫର୍ମ ଆରମ୍ଭ କରିବ । ଏହି ପୋର୍ଟାଲ୍‌ର ନାମ ଇ-ପ୍ରାପ୍ତି ରଖାଯାଇଛି । ଏହା ଆଧାର ଭିତ୍ତିକ ପ୍ରମାଣିକରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବ ।

୨୦୨୫-୨୬ ଆର୍ଥିକ ବର୍ଷରେ ରେକର୍ଡ଼ ସଂଖ୍ୟକ ୮ ଦଶମିକ୍ ୩/୧ କୋଟି ଦାବି କର୍ମଚାରୀ ଭବିଷ୍ୟନିଧି ସଂଗଠନ ସମାଧାନ

କରିପାରିଛି । ପୂର୍ବବର୍ଷ ଏହା ୬ ଦଶମିକ୍ ୦/୧ କୋଟି ଥିଲା । ଦେଶରେ ଭବିଷ୍ୟନିଧି ପାଣ୍ଠି ସଦସ୍ୟଙ୍କ ନିମନ୍ତେ ସହଜ ଏବଂ ସରଳ ବ୍ୟବସ୍ଥା ଦ୍ୱାରା ଏହି ପରିମାଣ ବୃଦ୍ଧି ପାଇଥିବା କୁହାଯାଇଛି ।

## ରାଜନାଥ-କ୍ରୋସେଟୋ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆସନ୍ତାକାଲି ନୂଆଦିଲ୍ଲୀ ଠାରେ ଇଟାଲୀର ପ୍ରତିରକ୍ଷା ମନ୍ତ୍ରୀ ଗୁଇଡୋ କ୍ରୋସେଟୋଙ୍କ ସହ ଦ୍ୱିପାକ୍ଷିକ କଥାବାର୍ତ୍ତା କରିବେ । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି, ଏହି ବୈଠକରେ ଉଭୟ ନେତା ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗ ସମ୍ପର୍କିତ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ଉଭୟ ନେତା ସାମ୍ପ୍ରତିକ ସୁରକ୍ଷା ଦୃଷ୍ଟିକୋଣରୁ ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ଉପରେ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ୨୦୨୩ ମସିହା ଅକ୍ଟୋବରରେ ପ୍ରତିରକ୍ଷା ମନ୍ତ୍ରୀ ରୋମ୍ ଗସ୍ତ କରିବା ପରେ ଭାରତ ଏବଂ ଇଟାଲୀ ମଧ୍ୟରେ ପ୍ରତିରକ୍ଷା ସହଯୋଗ ତ୍ୱରାନ୍ୱିତ ହୋଇଛି । ଏହା ହେଉଛି ଇଟାଲୀର ପ୍ରତିରକ୍ଷା ମନ୍ତ୍ରୀଙ୍କ ଭାରତକୁ ତୃତୀୟଥର ଗସ୍ତ । ୨୦୨୬ ମସିହା ଜାନୁଆରୀରେ ଭାରତ ୟୁନାଇଟେଡ୍ ଏମିରେଟ୍ସ ପ୍ରତିରକ୍ଷା ଏବଂ ରଣନୈତିକ ଭାଗିଦାରିତା ନେଇ ହୋଇଥିବା

ରାଜିନାମା ଯୋଗୁଁ ପ୍ରତିରକ୍ଷା ଶିଳ୍ପ ସହଯୋଗ କ୍ଷେତ୍ରରେ ଅଧିକ ଉନ୍ନତି ପରିଲକ୍ଷିତ ହୋଇଛି ।

## ଯୋଶୀ-କାମ୍ବୋଡ଼ିଆନ୍ ଡେଲିଗେସନ୍

କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହଲାଦ ଯୋଶୀ ଆଜି ନୂଆଦିଲ୍ଲୀଠାରେ କାମ୍ବୋଡ଼ିଆର ଖଣି ଓ ଶକ୍ତି ମନ୍ତ୍ରୀ କେଓ ରୋଟାନାକ୍ ଏବଂ କାମ୍ବୋଡ଼ିଆର ପ୍ରତିନିଧି ଦଳ ସହ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଯୋଶୀ ସୂଚନା ଦେଇ କହିଛନ୍ତି, କାମ୍ବୋଡ଼ିଆ ପ୍ରତିନିଧି ଦଳ' ନବୀକରଣ ଶକ୍ତି ଦିଗରେ ଭାରତର ଦ୍ରୁତ ପ୍ରଗତିକୁ ପ୍ରଶଂସା କରିଛନ୍ତି ଏବଂ ଜଳସେଚନ ପ୍ରକ୍ରିୟାରେ ନବୀକରଣ ଶକ୍ତି ସମନ୍ୱିତ ସମ୍ପର୍କରେ ସହଯୋଗ ସ୍ଥାପନ ନିମନ୍ତେ ମଧ୍ୟ ଆଗ୍ରହ ପ୍ରକାଶ କରିଛନ୍ତି । ବୈଠକରେ ପି.ଏମ୍. କୁଶୁମ୍ ଏବଂ ପି.ଏମ୍. ସୂର୍ଯ୍ୟଘର ଅଧୀନରେ ଦେଶର ପ୍ରଗତି ନେଇ ଆଲୋଚନା ହୋଇଥିଲା । ଉଭୟପକ୍ଷ ମଧ୍ୟରେ ଆଲୋଚନା ବିକାଶ ମୂଳକ ଭାଗିଦାରିତା ଏବଂ ଦୁଇ ଦେଶ ମଧ୍ୟରେ ଦୀର୍ଘ ସ୍ଥାୟୀ ଶକ୍ତି ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ ବୋଲି ଶ୍ରୀ ଯୋଶୀ ଆସ୍ଥା ପ୍ରକଟ କରିଛନ୍ତି ।

# ନଡ୍ଡା-ହେଲ୍‌ଥ ସମିଟ୍

ସ୍ୱାସ୍ଥ୍ୟ ଏବଂ ପରିବାର ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲି ଚଣ୍ଡିଗଡ଼ଠାରେ ସାର୍ବଜନୀନ ସ୍ୱାସ୍ଥ୍ୟ ପ୍ରଣାଳୀରେ ଉନ୍ନତି ଏବଂ ଅନୁକରଣୀୟ ବ୍ୟବସ୍ଥା ଏବଂ ନବସୃଜନ ସମ୍ପର୍କିତ ଦଶମ ଜାତୀୟ ଶିଖର ସମ୍ମିଳନୀ ଆୟୋଜନ କରାଯିବ । ଏହି ଦୁଇଦିନିଆ ସମ୍ମିଳନୀକୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା ଉଦ୍‌ଘାଟନ କରିବେ । ବିଭିନ୍ନ ଜନସ୍ୱାସ୍ଥ୍ୟ ସମ୍ପର୍କିତ ଆହ୍ୱାନର ମୁକାବିଲା ଦିଗରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ଭିନ୍ନ ଭିନ୍ନ ନବସୃଜନ ଏବଂ ଫଳପ୍ରଦ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯିବା ଲାଗି ଏହି ଶିଖର ସମ୍ମିଳନୀର ଲକ୍ଷ୍ୟ ରହିଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଏହା ମଧ୍ୟ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ସରକାରଙ୍କୁ ସାମ୍ପ୍ରତିକ ତଥ୍ୟ ଭିତ୍ତିକ ଏବଂ ନବସୃଜନ ବ୍ୟବସ୍ଥା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଲାଗି ବିହିତ ପଦକ୍ଷେପ ଗ୍ରହଣ କରିବା ଦିଗରେ ସହାୟକ ହେବ । କାର୍ଯ୍ୟକ୍ରମରେ ପ୍ରାଥମିକ ସ୍ୱାସ୍ଥ୍ୟ ଯତ୍ନ ସୁଦୃଢ଼ିକରଣ, ଡିଜିଟାଲ୍ ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନ ତ୍ୱରାନ୍ୱିତ ଦିଗରେ ଆଲୋଚନା କରାଯିବ ।

# ୱେଷ୍ଟ ଏସିଆ-ବ୍ରିଫିଂ

ପଶ୍ଚିମ ଏସିଆ ପରିସ୍ଥିତି ଉତ୍ତେଜନା ମୂଳକ ସତ୍ତ୍ୱେ ଦେଶରେ ଘରୋଇ ଏଲ୍.ପି.ଜି. ଯୋଗାଣ ସ୍ୱାଭାବିକ ରହିଛି ବୋଲି ସରକାରଙ୍କ ପକ୍ଷରୁ ଦୃଢ଼ୋକ୍ତି ପ୍ରକାଶ ପାଇଛି । ନୂଆଦିଲ୍ଲୀ ଠାରେ ଆନ୍ତଃ ମନ୍ତ୍ରଣାଳୟ ସ୍ତରୀୟ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ପେଟ୍ରୋଲ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ସଚିବ ସୁଜାତା ଶର୍ମା କହିଛନ୍ତି, ଏଲ୍.ପି.ଜି. ବିତରଣ କେନ୍ଦ୍ରରେ ପର୍ଯ୍ୟାପ୍ତ ଗ୍ୟାସ୍ ମହଜୁଦ୍ ରହିଛି । ଦେଶରେ ଅନ୍‌ଲାଇନ୍ ଏଲ୍.ପି.ଜି. ବୁକିଂ ଏବଂ ଯୋଗାଣ ସର୍ବାଧିକ ରହିଛି ବୋଲି ସେ ସୂଚନା ଦେଇଛନ୍ତି ।

**VO**

ବନ୍ଦର, ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ୍ ନିକଟରେ ପେଟ୍ରୋଲ୍ ଏବଂ ଗ୍ୟାସ୍ ମନ୍ତ୍ରଣାଳୟ, ସାର ବିଭାଗ ଏବଂ ବୈଦେଶିକ ବାଣିଜ୍ୟ ଅଧ୍ୟକ୍ଷଙ୍କ ସହ ଏକ ସମୀକ୍ଷା ବୈଠକରେ ହର୍ମୁଜ୍ ପ୍ରଣାଳୀ ପରିସ୍ଥିତି ନେଇ ଆଲୋଚନା କରିଥିବା ବନ୍ଦର, ଜାହାଜ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ମୁକେଶ ମଙ୍ଗଲ ସୂଚନା ଦେଇଛନ୍ତି । ସମୁଦ୍ର ମଧ୍ୟରେ ରପ୍ତାନୀ ଏବଂ ଆମଦାନୀ କାର୍ଯ୍ୟ ସୁନିଶ୍ଚିତ ଏବଂ ସୁ-ପରିଚାଳନା କରିବା ନିମନ୍ତେ ମନ୍ତ୍ରୀ ବୈଠକରେ ସମୀକ୍ଷା କରିଥିବା ସେ କହିଛନ୍ତି ।

## କାର୍ଗିଲ୍-ସେଲିବ୍ରେଟ୍

ଲଦାଖର ଦ୍ରାସ୍ ସେକ୍ଟରକୁ ଏକ ସ୍ୱତନ୍ତ୍ର ଜିଲ୍ଲା କରିବା ଲାଗି ସରକାର ନିଷ୍ପତ୍ତି ଗ୍ରହଣ କରିଥିବାରୁ ସେଠାକାର ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି । ଦ୍ରାସ୍‌ବାସୀ ପ୍ରବଳ ଆଗ୍ରହ ଏବଂ ଉତ୍ସାହର ସହିତ ଏହି ଐତିହାସିକ ଘୋଷଣାକୁ ପାଳନ କରୁଛନ୍ତି । ଦ୍ରାସ୍‌ର ଜନସାଧାରଣ ନୂତନ ଭାବେ ନିଯୁକ୍ତି ପାଇଥିବା ଉପ-କମିଶନର ଇମ୍‌ତିଆଜ୍ କାଚୋ ଏବଂ ପୋଲିସ୍ ଅଧିକ୍ଷକ ଇସ୍ତିୟାକ୍ ଅହମ୍ମଦ୍ କାଚୋଙ୍କୁ ସ୍ୱାଗତ କରିଛନ୍ତି । ଦ୍ରାସ୍‌ର ବିକାଶ ଏବଂ ସୁଶାସନ ବ୍ୟବସ୍ଥା ପ୍ରତି ଲୋକଙ୍କର ଆଶା ଓ ଆକାଂକ୍ଷାକୁ ଏହା ପ୍ରତିଫଳିତ କରୁଛି ।

## ୱେଟ୍‌ଲିଫ୍‌ଟିଂ

ରାଜ୍ୟଗୋଷ୍ଠୀ ଯୁବ ଏବଂ କନିଷ୍ଠ ଭାରୋତ୍ତଳନ ପ୍ରତିଯୋଗିତାରେ ଭାରତ ତାର ବିଜୟ ଜାରି ରଖିଛି । ସାମୋଆର ଆପିୟା ଠାରେ ଚାଲିଥିବା ଏହି ପ୍ରତିଯୋଗିତାର ତୃତୀୟ ଦିବସରେ ଆଜି ଭାରତ ଗୋଟିଏ ସ୍ୱର୍ଣ୍ଣ ଏବଂ ତିନୋଟି ରୌପ୍ୟ ପଦକ ହାସଲ କରିଛି । ୬୯ କିଲୋଗ୍ରାମ ଭାରୋତ୍ତଳନ ବର୍ଗରେ ବେଲେନା ହାରିକା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେହିପରି କାରାଙ୍ଗି ଥାରାଙ୍ଗିନି, ଭୂମିକା ମୋହିତେ ଏବଂ ଅଭିଶେକ ନିପାନେ ରୌପ୍ୟ ପଦକ ହାସଲ କରିଛନ୍ତି । ଗତକାଲି ଦ୍ୱିତୀୟ ଦିନ

ପ୍ରତିଯୋଗିତାରେ ଭାରତର ଭାରରୋତ୍ତଳନକାରୀମାନେ ୪ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ।

## ଆଇପିଏଲ୍

ଆପିଏଲ୍ କ୍ରିକେଟ୍‌ରେ ଆଉ କିଛି ସମୟ ପରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ମଧ୍ୟରେ ମୁମ୍ବାଇର ଓ୍ୱାଙ୍ଖେଡ଼େ ଷ୍ଟାଡିୟମ୍‌ଠାରେ ମ୍ୟାଚ୍ ଆରମ୍ଭ ହେବ । ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି ।